# Official Spokesperson's response to media queries on target killing of two Sikh traders in Peshawar, Pakistan

May 15, 2022

## ପାକିସ୍ତାନର ପେଶାୱାରରେ ଦୁଇଜଣ ଶିଖ ବ୍ୟବସାୟୀଙ୍କ ଟାର୍ଗେଟ ହତ୍ୟାକୁ ନେଇ ଗଣମାଧ୍ୟମ ପ୍ରଶ୍ନ ଉପରେ ସରକାରୀ ମୁଖପାତ୍ରଙ୍କ ପ୍ରତିକ୍ରିୟା

ମଇ 15, 2022

ପାକିସ୍ତାନର ପେଶାୱାରରେ ଦୁଇଜଣ ଶିଖ ବ୍ୟବସାୟୀଙ୍କ ଟାର୍ଗେଟ ହତ୍ୟାକୁ ନେଇ ଗଣମାଧ୍ୟମ ପ୍ରଶ୍ନର ଉତ୍ତରରେ ସରକାରୀ ମୁଖପାତ୍ର କହିଛନ୍ତି:

"ପେଶାୱାରରେ ଅଜ୍ଞାତ ହତିଆରଧାରୀ ବ୍ୟକ୍ତିମାନଙ୍କ ଦ୍ଵାରା ଦୁଇଜଣ ଶିଖ ବ୍ୟବସାୟୀଙ୍କୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଥିବା ଖବର ବିଷୟରେ ଆମେ ଅବଗତ। ଦୁଃଖର ବିଷୟ ଯେ ଏହା ପ୍ରଥମ ଘଟଣା ନୁହେଁ କିମ୍ବା ଏକ ବିରଳ ଘଟଣା ନୁହେଁ।

ଭାରତୀୟ ନାଗରିକ ସମାଜ ତଥା ଶିଖ ସମ୍ପ୍ରଦାୟର ବିଭିନ୍ନ ମହଲରେ ଏହି ବିଭତ୍ସ ତଥା ନିନ୍ଦନୀୟ ଘଟଣାକୁ ନେଇ ଗଭୀର ଚିନ୍ତା ପ୍ରକଟ କରାଯାଇଛି। ପାକିସ୍ତାନରେ ସଂଖ୍ୟାଲଘୁ ସମ୍ପ୍ରଦାୟର ସଦସ୍ୟଙ୍କୁ ଟାର୍ଗେଟ କରିବା ପ୍ରସଙ୍ଗ ଉପରେ ଆମେ ପାକିସ୍ତାନ ସରକାରଙ୍କୁ ଆମର ଦୃଢ ପ୍ରତିବାଦ ଜଣାଇଛୁ। ଆମେ ସମ୍ପୃକ୍ତ ଅଧିକାରୀମାନଙ୍କୁ ଏହି ଘଟଣାର ନିଷ୍ପକ୍ଷ ସହ ଅନୁସନ୍ଧାନ କରିବାକୁ ଏବଂ ଏହି ନିନ୍ଦନୀୟ ଘଟଣା ପାଇଁ ଦାୟୀ ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆହ୍ୱାନ କରୁଛୁ। ଆମେ ଆଶା କରୁଛୁ ଯେ ପାକିସ୍ତାନ ସରକାର ଏହାର ଦାୟିତ୍ୱ ତୁଲାଇବା ସମୟରେ ଏହାର ସଂଖ୍ୟାଲଘୁ ସମ୍ପ୍ରଦାୟର ନିରାପତ୍ତା, ସୁରକ୍ଷା ଏବଂ କଲ୍ୟାଣ ପ୍ରତି ଧ୍ୟାନ ଦେବେ।"

**ନୂଆଦିଲ୍ଲୀ**

**ମଇ 15, 2022**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.